# ତହସିଲ୍ କାର୍ଯ୍ୟାଳୟ, ସଦର କଟକ

ନୋଟିସ୍ ନଂ - 7645 ତା :- 14/11/2018

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଟକ ସଦର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡିକ ପୂନର୍ବାର ସନ୍ 2018-19 ବର୍ଷ ନିମନ୍ତେ ଆସନ୍ତା ତା- **16-11-2018** ରିଖ ଅପରାହ୍ନ **2:30** ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକ ଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି | ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଦର ତହସିଲଦାର ଙ୍କ କାର୍ଯ୍ୟାଳୟ ରୁ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡର ତଥା ଉତ୍ସର ନମ୍ବର, ନାମ, ପ୍ଲଟ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ସୈରାତ ଉତ୍ସର ନମ୍ବର ଏବଂ ନାମ ତଥା ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସ ରେ ପକାଇବେ| **ତା-09-11-2018**.ରେ ନିଲାମ ରେ ଭାଗ ନେଇଥିବା ଆବେଦନକାରୀ ମାନେ ମଧ ଏହି ନିଲାମରେ ପୂନର୍ବାର ଆବେଦନ କରିପାରିବେ | ବନ୍ଦ ଲଫାପା ଉପରେ **Tender Paper for Temporary Cycle Stand at Baliyatra-2018** ଲେଖା ରହିବ | ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା – 16/11/2018 ଅପରାହ୍ନ 2.00 ଘଟିକା ସମୟ ଧାର୍ଯ୍ୟ କରାଯାଇଛି | ଉତ୍ସର ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ | ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ **(10%)** ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ | ଏହି ବ୍ୟାଙ୍କ୍ ଡ୍ରାଫ୍ଟଟି ତହସିଲଦାର ସଦର କଟକଙ୍କ ସପକ୍ଷରେ ଓ ଦେୟ **(Payable S.B.I. Main Branch, Cuttack)** ହୋଇଥିବା ଆବଶ୍ୟକ, ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ସୈରାତ ବାବଦକୁ ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ | ବାଲିଯାତ୍ରା ପଡିଆରେ ଯାତ୍ରା ସମାପ୍ତ ଦିନ ଠାରୁ **"ସିଟି ଫେଷ୍ଟିଭାଲ୍"** ଅନୁଷ୍ଠିତ ହେବାର ସମ୍ଭାବନା ଥିବାରୁ ସାଇକେଲ୍ ଷ୍ଟାଣ୍ଡ ର ମିଆଦ ସେତିକି ଦିନ ବୃଦ୍ଧି ପାଇପାରେ । ଏଣୁ ନିଲାମଧାରୀ ବ୍ୟକ୍ତି ବର୍ଦ୍ଧିତ ରାଜସ୍ୱ ତଦ୍ ଅନୁଯାୟୀ ପୈଠ କରିବେ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତି ନିଲାମ 19/11/2018 (ଦିବା 11 ଘଟିକା) ସମୟରେ ଅନୁଷ୍ଠିତ ହେବ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି |

[signature] 14/11/18

ତହସିଲଦାର, ସଦର, କଟକ

ବାଲିଯାତ୍ରା-**2018** ପାଇଁ ନିଲାମ ହେବାକୁ ଥିବା ଅସ୍ଥାୟୀ ସଇରାତ୍ ( ସାଇକେଲ୍ ଷ୍ଟାଣ୍ଡ) ଉପର ବିବରଣୀ

**ସାଇକେଲ୍ ଷ୍ଟାଣ୍ଡ ( ଅସ୍ଥାୟୀ) ତା-23/11/2018 ଠାରୁ ତା-29/11/2018**

| କ୍ରମିକ ନଂ | ସୈରାତ କେସ୍ ନଂ | ଷ୍ଟାଣ୍ଡ ନଂ | ସୈରାତର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକର) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
|---|---|---|---|---|---|---|---|---|
| 1 | 3/2018-19 | 1 | ମୁଣ୍ଡାସାହି (ଦକ୍ଷିଣ) | ୟୁନିଟ୍ ନଂ - 4 (ମହାନଦୀ) | 2 | 49 | Ac.3.200 | 1661000.00 |
| 2 | 4/2018-19 | 8 | ଦୟାଶ୍ରମ ସମ୍ମୁଖ | ୟୁନିଟ୍ ନଂ - 9 (ବାରବାଟୀ କିଲ୍ଲା ) | 21 | 146 | Ac.2.478 | 550000.00 |

8/11/18

ତହସିଲଦାର, ସଦର, କଟକ